**SET – 02**

**Roll No.** | | | | | | |

Candidates must write the Set No on the title page of the answer book.

# SAHODAYA PRE BOARD EXAMINATION – 2023-24

- Please check that this question paper contains 6 printed pages.
- Set number given on the right hand side of the question paper should be written on the title page of the answer book by the candidate.
- Check that this question paper contains 14 questions.
- Write down the Serial Number of the question in the left side of the margin before attempting it.
- 15 minutes time has been allotted to read this question paper. The question paper will be distributed 15 minutes prior to the commencement of the examination. The students will read the question paper only and will not write any answer on the answer script during the period. Students should not write anything in the question paper.

# CLASS – X

# ଓଡ଼ିଆ

# Odia

**ସମୟ: ୩ ଘଣ୍ଟା** **ପୂର୍ଣ୍ଣ ସଂଖ୍ୟା-୮୦**

**Time Allowed: 3 hours** **Maximum Marks : 80**

ସୂଚନା: ଏହି ପ୍ରଶ୍ନପତ୍ରରେ ଚାରୋଟି ବିଭାଗ ରହିଛି ।

(କ) Section-A – Reading -10 Marks

(ଖ) Section-B-Writing -12 Marks

(ଗ) Section-C-Grammar -10 Marks

(ଘ) Section – D-Literature - 48 Marks

## Section – A

1. **ନିମ୍ନ ଅନୁଚ୍ଛେଦଟିକୁ ପାଠ କରି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** 5x2=10

ଆତ୍ମନିର୍ଭର ହେବା ପକ୍ଷରେ ଆମ ଦେଶରେ ପ୍ରଧାନ ବାଧା ଆମ ଦେଶବାସୀଙ୍କର ଶାରୀରିକ ଶ୍ରମ ପ୍ରତି ଘୃଣା ଓ ଭୟ । ସାଧୀନ ଭାବରେ ପରିଶ୍ରମ କରି ଦି' ପଇସା ପାଇବା ଅପେକ୍ଷା ଯଦି ବସି କରି ଦି ପଇସା ମିଳିବ, ତେବେ ଆମ ଲୋକ ପର ପାଖରେ ମୁଣ୍ଡ ନୋଇଁବାକୁ ପସନ୍ଦ କରନ୍ତି । ଜିଜ୍ଞାସିତ ହେଲେ ସେମାନେ ଉତ୍ତର ଦେବେ, "ଆମେ ପରା ଭଦ୍ରଲୋକ ଘର ପିଲା, ଆଉ କ'ଣ ଆମେ ମୂଲ ଲାଗି ଯିବୁ ?" ପର ଉପରେ ସବୁବେଳେ ନିର୍ଭର କରି ଆମର ଅନ୍ତର୍ନିହିତ ଶକ୍ତି ସମୂହ ବିକାଶ ପାଉ ନାହିଁ। ଆମ୍ଭମାନଙ୍କୁ ଏ ଅବସ୍ଥା ଘୁଞ୍ଚେଇବାକୁହେବ – ତାହା ନ ହେଲେ ଆମ ଜାତି କେବେ ହେଲେ ଉପରକୁ ଉଠିପାରିବ ନାହିଁ । ପରିବାରରେ କେବଳ ଶିଶୁ ଓ ଅକର୍ମଣ୍ୟ ବୃଦ୍ଧବୃଦ୍ଧାଙ୍କ ଛଡ଼ା ଅନ୍ୟ ସମସ୍ତଙ୍କୁ ଉପାର୍ଜନ କରିବାକୁ ହେବ । ବାପାଙ୍କର ଅର୍ଥର ପ୍ରାଚୁର୍ଯ୍ୟ ଥିଲେ ମଧ୍ୟ ପୁଅଝିଅଙ୍କର ମନେ କରିବା ଉଚିତ, ସେ ବାପାଙ୍କ ସମ୍ପତ୍ତି, ତାକୁ ଖର୍ଚ୍ଚ କରିବାର ଅଧିକାର ସେମାନଙ୍କର ନାହିଁ । ୟୁରୋପରେ କୋଟିପତିମାନଙ୍କ ପୁଅମାନେ ସେମାନଙ୍କ ବାପାଙ୍କ କାରଖାନାରେ ମୂଲିଆ ଭାବରେ କାମ କରନ୍ତି ଓ ମଜୁରୀ ପାଇ ସେଥିରେ ଚଳନ୍ତି । ମୂଲିଆରୁ କ୍ରମେ କ୍ରମେ ଉଠି ସେମାନେ ଉପରକୁ ଯାଆନ୍ତି । ଏହାଦ୍ୱାରା ସେମାନଙ୍କର ଚରିତ୍ର ଗଠିତ ହୁଏ । ଆମ ଦେଶରେ ଯେଉଁ ପରିବାରର ବ୍ୟବସ୍ଥା ସଚ୍ଛଳ ସେଠି ପୁଅମାନେ ଏହି ଭାବ ଧରି କାର୍ଯ୍ୟ କରିବା ଉଚିତ । ନିଜ ରୋଜଗାର ଧନ ବାପାଙ୍କ ଅର୍ଜିତ ଧନରେ ମିଶେଇ ପାରିଲେ ଗୌରବର କଥା । କିନ୍ତୁ ଅକର୍ମା ହୋଇ ତାକୁ ଉଡ଼େଇ ଦେଲେ କି ପୌରୁଷ ?

i) ଆତ୍ମନିର୍ଭର ହେବା ପକ୍ଷରେ ଆମ ଦେଶର ପ୍ରଧାନ ବାଧକଟି କ'ଣ ?

ii) ପରିଶ୍ରମ ନ କରିବା ସମ୍ପର୍କରେ ଜିଜ୍ଞାସିତ ହେଲେ ଲୋକେ କି ଉତ୍ତର ଦିଅନ୍ତି ?

iii) ଆମର ଅନ୍ତର୍ନିହିତ ଶକ୍ତି ସମୂହ ବିକଶିତ ହୋଇ ପାରୁନାହିଁ କାହିଁକି ?

iv) ୟୁରୋପରେ ପିଲାମାନଙ୍କର ଚରିତ୍ର କିପରି ଗଠିତହୁଏ ?

v) ପିତାଙ୍କର ଅର୍ଥର ପ୍ରାଚୁର୍ଯ୍ୟ ଥିଲେ ମଧ୍ୟ ପୁଅଝିଅମାନେ ମନରେ କେଉଁ ଭାବ ପୋଷଣ କରିବା ଆବଶ୍ୟକ ?

## Section – B

2 **ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ ।** 6

i) ଚନ୍ଦ୍ର ଅଭିଯାନ ଓ ଭାରତ

ii) ଛାତ୍ର ସମାଜ ଉପରେ ଗଣ ମାଧ୍ୟମର ପ୍ରଭାବ

iii) ନାରୀ ସଶକ୍ତିକରଣ

3. 'ସାହିତ୍ୟ ପଠନ ମାଧ୍ୟମରେ ଚରିତ୍ର ଗଠନ' ଶୀର୍ଷକ ତୁମ ଲିଖିତ ଏକ ପ୍ରବନ୍ଧ ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ରର ସମ୍ପାଦକଙ୍କୁ ପତ୍ର ଲେଖ । 6

**କିମ୍ବା**

'ବିଶ୍ୱଶାନ୍ତି' ଶୀର୍ଷକ ତୁମ ଲିଖିତ ଏକ ପ୍ରବନ୍ଧ ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ କୌଣସି ଏକ ସମ୍ବାଦପତ୍ରର ସମ୍ପାଦକଙ୍କୁ ପତ୍ର ଲେଖ ।

(ବି.ଦ୍ର. - ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ)

## Section – C

4. **ଲକ୍ଷଣ, ଉଦାହରଣ ଓ ଯତିପାତ ସହ ଯେକୌଣସି ଗୋଟିଏ ଛନ୍ଦକୁ ବୁଝାଇ ଲେଖ ।** 4

i) ନଟବାଣୀ

ii) ବଙ୍ଗଳାଶ୍ରୀ

5. **ନିର୍ଦ୍ଦେଶ ଅନୁସାରେ ବାକ୍ୟ ଗୁଡ଼ିକୁ ପରିବର୍ତ୍ତନ କର – (ଯେକୌଣସି 2ଟିର)** 2x1=2

i) କୃଷକଟି ଅକ୍ଳାନ୍ତ ପରିଶ୍ରମ କଲେବି ଦାରିଦ୍ର୍ୟ ଦୂର କରିପାରେ ନାହିଁ ।(ଯୌଗିକ ବାକ୍ୟ କର)

ii) ଶ୍ରୀରାମଚନ୍ଦ୍ର କରୁଣାବତାର ଥିଲେ ଓ ସେ ଅହଲ୍ୟାଙ୍କୁ ଉଦ୍ଧାର କରିଥିଲେ ।(ସରଳ ବାକ୍ୟ କର)

iii) ଘରେ ପୂଜା ଥିବା ହେତୁ ମୋହନ ବିଦ୍ୟାଳୟ ଗଲାନାହିଁ ।(ଜଟିଳ ବାକ୍ୟ କର)

6. **ନିମ୍ନଲିଖିତ ରୂଢ଼ିଗୁଡିକୁ ବ୍ୟବହାର କରି ସାର୍ଥକ ବାକ୍ୟ ଗଠନ କର । (ଯେକୌଣସି 2ଟିର)** 2x1=2

i) କୂପମଣ୍ଡୂକ

ii) ଉଷୁନାଧାନ ଗଜା ହେବା

iii) ବରଡ଼ା ପତ୍ର ପରି ଥରିବା

7. **ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ୍ ଶବ୍ଦ ଲେଖ । (ଯେକୌଣସି 2ଟିର)** 2x1=2

i) ବିଷର୍ଜନ

ii) ପୌରହିତ୍ୟ

iii) ବହୁବ୍ରିହୀ

## Section – D

8. **ସପ୍ରସଙ୍ଗ ସରଳାର୍ଥ ଲେଖ । (ଗୋଟିକର)** 5

i) ଏହା ମଧ୍ୟ ତାଙ୍କର କୃତକର୍ମର ପରିଣାମ ।

ii) ବଥ ସିନା ବଥାଏ, ଆବୁ କାହାର ବଥାଏ ନାହିଁ ।

9. **ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 3ଟିର)** 3x2=6

i) କାନ୍ତକବିଙ୍କ ପିତାଙ୍କ ନାମ କ'ଣ ଓ ସେ କେଉଁ ବୃତ୍ତି ଅବଲମ୍ୱନ କରିଥିଲେ ?

ii) ସମାଧିରେ ବୁଡ଼ି ନ ଯିବାପାଇଁ ଶ୍ରୀରାମକୃଷ୍ଣ ନରେନ୍‌ଙ୍କୁ କାହିଁକି କହିଥିଲେ ?

iii) ସୂର୍ଯ୍ୟାସ୍ତ ନିଲାମ ଆଇନ୍ ଦ୍ୱାରା ଓଡ଼ିଆ ଜନତା କିପରି କ୍ଷତିଗ୍ରସ୍ତ ହେଲେ ?

iv) ରୋମୀୟ ଓ ଭାରତୀୟ ସଭ୍ୟତାର ଆଦର୍ଶ ମଧ୍ୟରେ ପାର୍ଥକ୍ୟ କ'ଣ ?

v) ଶିକ୍ଷିତମାନେ କାୟକ୍ଳେଶ ଓ ଆଭିଜାତ୍ୟ ମଧ୍ୟରୁ କେଉଁଟିକୁ ଅଧିକ ପସନ୍ଦ କରନ୍ତି ଓ କାହିଁକି ?

10. **ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ ।** 10x1=10

i) କାନ୍ତକବିଙ୍କ ରଚିତ ଉପନ୍ୟାସର ନାମ କ'ଣ ?

A) ବୁଢ଼ା ଶଙ୍ଖାରି B) କଣାମାମୁ

C) ଜୀବନ୍ତ ମରଣ D) ଅସହଯୋଗୀର ଆତ୍ମକଥା

ii) ଗ୍ରାମ୍ୟ ଯୁବକମାନେ ଆନତ କୃଷ୍ଣଚୂଡ଼ାରେ କ'ଣ ଦେଖନ୍ତି ?

A) ବିଦ୍ରୋହର ବହ୍ନି B) ଆହବର ରକ୍ତ

C) ବିଗତ ଜୀର୍ଣ୍ଣ ଜୀବନ D) ଅନାଗତ ଯୁଗର ରକ୍ତକେତନ

iii) 'ଭୋକିଲା ପେଟରେ ଧର୍ମ ଅନାବଶ୍ୟକ' – ଏକଥା ବିବେକାନନ୍ଦ କାହାଠାରୁ ଶୁଣିଥିଲେ ?

A) ରାମକୃଷ୍ଣ ପରମହଂସ B) ବାଇଜୀ

C) କାର୍ଲମାର୍କସ୍ D) ପାଓହାରୀ ବାବା

iv) କୃଷକଠାରୁ ଦୂରେଇ ରହି ଯେଉଁ କୃଷିକାର୍ଯ୍ୟ ହୁଏ,ସେଥିରେ କ'ଣ ହୋଇ ପାରିବନାହିଁ ବୋଲି ପ୍ରବନ୍ଧରେ କୁହାଯାଇଛି ?

A) କୃଷିକାର୍ଯ୍ୟ B) ଋଷିଙ୍କ ସତ୍କାର

C) ଅଧିକ ଅମଳ D) ଋଷିଙ୍କ ଶ୍ରାଦ୍ଧ

v) ଜଡ଼ ବିଜ୍ଞାନ ମୂଳରେ କେଉଁ ଶାସ୍ତ୍ର ନିହିତ ?

A) ଅର୍ଥ ଶାସ୍ତ୍ର B) ଗଣିତ ଶାସ୍ତ୍ର

C) ଦର୍ଶନ ଶାସ୍ତ୍ର D) ଜ୍ୟୋତିଷ ଶାସ୍ତ୍ର

vi) ଲକ୍ଷ୍ମୀକାନ୍ତ ଭଦ୍ରକରେ ସ୍ଥାପନ କରିଥିବା ପ୍ରେସ୍‌ର ନାମ କ'ଣ ?

A) ଉତ୍କଳ ପ୍ରେସ୍ B) କଳିଙ୍ଗ ପ୍ରେସ୍

C) ଗୋପୀନାଥ ପ୍ରେସ୍ D) ଲକ୍ଷ୍ମୀକାନ୍ତ ପ୍ରେସ୍

vii) ଓଡ଼ିଆ ସାହିତ୍ୟର ପ୍ରଥମ ପୂର୍ଣ୍ଣାଙ୍ଗ ଉପନ୍ୟାସର ନାଁ କ'ଣ ?

A) ପଦ୍ମମାଳୀ B) ଲଛମା

C) ବିବାସିନୀ D) କନକଲତା

viii) ଜଗତର ସବୁ ମହାନ୍ କର୍ମ କାହାଦ୍ୱାରା ସାଧିତ ହୋଇଥାଏ ?

A) ବିବେକୀ ମଣିଷ B) ଜ୍ଞାନୀ ମଣିଷ

C) ସାହସୀ ମଣିଷ D) ଏକୁଟିଆ ମଣିଷ

ix) 'ସଭ୍ୟତା ଓ ବିଜ୍ଞାନ' ପ୍ରବନ୍ଧଟି କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?

A) ଉତ୍କଳ ସାହିତ୍ୟ B) ଉତ୍କଳ ମଧୁପ

C) ଉତ୍କଳ ପ୍ରସଙ୍ଗ D) ଉତ୍କଳ ପୁତ୍ର

x) ଆମ ଦେଶର ଭାଷା ସମସ୍ୟା କହିଲେ ଲୋକେ କ'ଣ ବୁଝନ୍ତି ?

A) ଓଡ଼ିଆ-ବଙ୍ଗଳା ବିବାଦ B) ହିନ୍ଦୀ-ସଂସ୍କୃତ ବିବାଦ

C) ହିନ୍ଦୀ-ଇଂରେଜି ବିବାଦ D) ଓଡ଼ିଆ-ହିନ୍ଦୀ ବିବାଦ

11. **ଯେକୌଣସି ଗୋଟିକର ସରଳାର୍ଥ ଲେଖ–** 5

i) ଅମାପ ଧରିଯୁଁ ଦେଏ ଟିକେ ମତେ
ନିଦା ହେଉ ମୋର ଛାତି
ନିଜେ ଦୁଃଖ ସହି ଏ ଜଗତ ପାଇଁ
ଲାଗିପଡ଼େ ଦିନ ରାତି ।

ii) ବାଜିଥିଲେ ଚୂର୍ଣ୍ଣ ବା ପାତାଳେ ଭଜିଥିବ
ବିନ୍ଧ୍ୟ ଭାନୁ ତୋଷି ହେଲେ ବଞ୍ଚାଇ ଦଇବ ଯେ ।

12. **ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 3 ଟିର)** 3x2=6

i) ଉତ୍କଳର ଆକାଶ କାହା କଳରବରେ ମୁଖରିତ ?

ii) ତିମିରକାରା ଭାଙ୍ଗିଦେବା କଥା କବି କାହିଁକି କହିଛନ୍ତି ?

iii) ପାଣ୍ଡବଙ୍କ ହେତୁ ତ୍ରିଲୋଚନ କିଭଳି ବର୍ତ୍ତିଥିଲେ ?

iv) ଶିଖାର ଉଠିବା ପଡ଼ିବା ସହିତ କବି କାହାକୁ ତୁଳନା କରିଛନ୍ତି ?

v) ତମସା ନଦୀ ସୀତାଙ୍କୁ କିପରି ସ୍ୱାଗତ ଜଣାଇଥିଲା ?

13. **ଉତ୍ତର ପର୍ଯ୍ୟାୟରୁ ସଠିକ ଉତ୍ତର ବାଛି ଲେଖ ।** 10x1=10

i) ପୂର୍ବ ଦିଗ୍‌ବଳୟରେ କବି କାହାର ଛାୟାଚିତ୍ର ଦେଖିଛନ୍ତି ?

A) ପାହାଡ଼ର B) ଅରଣ୍ୟର

C) ଦ୍ୱୀପର D) ନୌକାଗୁଡ଼ିକର

ii) 'ଅରୁଣ କଷାୟ ବାସ'ର ଅର୍ଥ ସ୍ୱରୂପ କେଉଁଟି ଠିକ୍ ?

A) ଅରୁଣଙ୍କ ନିମନ୍ତେ କଷାୟ ବସ୍ତ୍ର B) ଅରୁଣଙ୍କର କଷାୟ ବସ୍ତ୍ର

C) ଅରୁଣ ରଙ୍ଗର କଷାୟ ବସ୍ତ୍ର D) କଷାୟ ରଙ୍ଗର ଅରୁଣ ବସ୍ତ୍ର

iii) ଭୀମ ପ୍ରଥମ କରି ସିଂଘନାଦ ବାଦନ କରିବାରୁ କ'ଣ ହେଲା ?

A) ସୌରମଣ୍ଡଳ କମ୍ପି ଉଠିଲା B) ମହୀମଣ୍ଡଳ କମ୍ପି ଉଠିଲା

C) ଗଗନମଣ୍ଡଳ କମ୍ପି ଉଠିଲା D) ନକ୍ଷତ୍ରମଣ୍ଡଳ କମ୍ପି ଉଠିଲା

iv) କାହାର ଡାକ ଶୁଣି ଆମ ଛାତି ଫୁଲିଉଠେ ବୋଲି କୁହାଯାଇଛି ?

A) ମାଆର ଡାକ B) ଶତ୍ରୁର ଡାକ

C) ବଣପକ୍ଷୀର ଡାକ D) ମିତ୍ରର ଡାକ

v) ବ୍ୟାସ ସରୋବରରେ ବ୍ୟାସଦେବ ଗୁପ୍ତରେ କେଉଁ କେଉଁ ଗ୍ରନ୍ଥ ରଚନା କରୁଥିଲେ ?

A) ମହାଭାରତ ଓ ରାମାୟଣ B) ମହାଭାରତ ଓ ବିଚିତ୍ର ରାମାୟଣ

C) ମହାଭାରତ ଓ ଚଣ୍ଡୀ ପୁରାଣ D) ମହାଭାରତ ଓ ଅଷ୍ଟାଦଶ ପୁରାଣ

vi) 'କୃତବର' କହିଲେ କାହାକୁ ବୁଝାଏ ?

A) ଶତ୍ରୁ B) ବିଦ୍ୱାନ୍

C) ଶ୍ରେଷ୍ଠ ବୀର D) କବିବଂଶ

vii) କବି ଚିଲିକାକୁ କାହାର ସୋଦର ବୋଲି କହିଛନ୍ତି ?

A) ଚନ୍ଦ୍ରଚୂଡ଼ B) କ୍ଷୀର ସମୁଦ୍ର

C) ନୀଳ ସାଗର D) ଦିଗଙ୍ଗନା

viii) କେଉଁଠାରେ ଅମରଗାନ ଗାଇବା ପାଇଁ କବି କହିଛନ୍ତି ?

A) ଅରଣ୍ୟରେ B) ମରୁଭୂମିରେ

C) ତିମିର କାରାରେ D) ମରଣ ଦୁଆରେ

ix) ଉଷାକୁ ପ୍ରଶଂସା କରି ସତୀ ସୀତା କେଉଁ ବାକ୍ୟଟି କହିଥିଲେ ?

A) ସେ ତିମିର-ବିଧ୍ୱଂସି  B) ସେ ଜାନକୀ ଦର୍ଶନ ପାଇଁ ତୃଷାର୍ତ୍ତ

C) ସେ ବିକଚ - ରାଜୀବ ଦୃଶା  D) ସେ ମଙ୍ଗଳ ଆଗମନୀ

x) 'ରାଘବଙ୍କ ଲଙ୍କାଯାତ୍ରାନୁକୂଳ' କବିତାଟି କେଉଁ ଆଦ୍ୟ ବର୍ଣ୍ଣ ନିୟମରେ ରଚିତ ?

A) 'ସ'  B) 'ବ'

C) 'ଚ'  D) 'ଟ'

14. **ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 6 ଟିର)** 6x1=6

i) କାଠୁରିଆ ସକାଳୁ କ'ଣ ପିଇ ଆସିଥିଲା ?

ii) ବରଗଛର ପ୍ରତୀକ କିଏ ?

iii) ମଗଧ ସୈନ୍ୟଙ୍କ ନିକଟରୁ କ'ଣ ସରି ଆସୁଥିଲା ?

iv) ଅଙ୍ଗଦ ଚୌଧୁରୀ କେଉଁ ବିଶ୍ୱବିଦ୍ୟାଳୟର ଛାତ୍ର ?

v) 'କୋଣାର୍କ' ଏକାଙ୍କିକାରେ କେଉଁ ପ୍ରସଙ୍ଗ ନାଟ୍ୟାୟିତ ?

vi) 'ମୋତେ ଯେତେ ମାଠିବୁ ମାଠ' କାହା ବିଷୟରେ କୁହାଯାଇଛି ?

vii) ଶାମ୍ବ କେଉଁ ରୋଗାକ୍ରାନ୍ତ ଥିଲେ ?

viii) ପ୍ରୀତି କାନିରେ କି ଜଳଖିଆ ଧରି ଆସିଥିଲେ ?

●●●